# ପ୍ଲାଷ୍ଟିକ୍ ସାମଗ୍ରୀ ଫେରାଇଲେ ମିଳିବ ଟଙ୍କା

ଭୁବନେଶ୍ୱର,୯।୮/ଏନ୍‌ଏନ୍‌ଏସ୍: ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ପାଇଁ ଅଭିଯାନ ଆରମ୍ଭ ହେବ। ଓମଫେଡ୍ ଜରି ଓ ପ୍ଲାଷ୍ଟିକ୍ ବୋତଲ ଫେରାଇଲେ ମିଳିବ ଟଙ୍କା। ଏଜେଣ୍ଟଙ୍କ ଜରିଆରେ ଏ ସବୁ ସଂଗ୍ରହ କରାଯିବ। ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଉପରେ ଗ୍ରାହକଙ୍କ ଠାରୁ ପୁଣିଥରେ ଜରି ଯୋଗାଡ଼ କରିବାର ଦାୟିତ୍ୱ ରହିବ। ଏଥିସହିତ ଆଗାମୀ ୧୫ ଦିନ ମଧ୍ୟରେ ପ୍ଲାଷ୍ଟିକ ବ୍ୟାନ୍ ନେଇ ନୋଟିଫିକେସନ୍ ଜାରି କରାଯିବ। ଯେଉଁଥିରେ ପ୍ଲାଷ୍ଟିକ୍ ସମ୍ପର୍କିତ ସମସ୍ତ ତଥ୍ୟ ଓ କ'ଣ କାର୍ଯ୍ୟାନୁଷ୍ଠା ନିଆଯିବ, ତାହା ଉଲ୍ଲେଖ ରହିବ। ଆଉ ଏହି ସମୟ ମଧ୍ୟରେ ଜନସାଧାରଣଙ୍କ ମତାମତ ନିଆଯିବ। ସେପ୍ଟେମ୍ବର ୧୫ ସୁଦ୍ଧା ରାଜ୍ୟରେ ପ୍ଲାଷ୍ଟିକ୍ ନିଷିଦ୍ଧ ନେଇ ନିୟମ ଆସିବ। ଆଜି ସଚିବାଳୟରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ବସିଥିବା ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ ଏ ସଂକ୍ରାନ୍ତରେ ଏକ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରି ଜଙ୍ଗଲ ଓ ପରିବେଶ ବିଭାଗକୁ ପ୍ରଦାନ କରିଛି। ଆଜିର ବୈଠକରେ ଜଙ୍ଗଲ ଓ ପରିବେଶ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍, ଅର୍ଥ ସଚିବ ତୁହିନ୍‌କାନ୍ତ ପାଣ୍ଡେ, କୃଷି ସଚିବ ସୌରଭ ଗର୍ଗ, ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ ସିଂ, ମତ୍ସ୍ୟ ଓ ପଶୁସମ୍ପଦ ସଚିବ

## ଗାନ୍ଧି ଜୟନ୍ତୀରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନ

ବିଶାଳ ଗଗନ, ପରିବେଶ ବିଭାଗ ନିର୍ଦ୍ଦେଶକ କେ ମୁରୁଗେସନ୍, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଉପସ୍ଥିତ ଥିଲେ। ଜୁଲାଇ ୧୦ରେ 'ଆମ ମୁଖ୍ୟମନ୍ତ୍ରୀ ଆମ କଥା' କାର୍ଯ୍ୟକ୍ରମରେ ପ୍ଲାଷ୍ଟିକର ଭୟାବହତା ଉପରେ ସତର୍କ କରାଇ ୨ ବର୍ଷରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁନଃପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ସାମଗ୍ରୀକୁ ବାଦ ଦେଇ ଅନ୍ୟ ସମସ୍ତ ପ୍ଲାଷ୍ଟିକ୍ ଓ ପଲିଥିନ ସାମଗ୍ରୀ ବ୍ୟାନ ହେବାକୁ ଯାଉଛି।

Fri, Aug 10, 2018
http://odishanewsnitidin.com